# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 3 April - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାର ୫୪ ସାଂସଦଙ୍କର ସରିଲା କାର୍ଯ୍ୟକାଳ
  – ସେମାନଙ୍କ ମଧ୍ୟରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ୭ ଜଣ ଲୋକସଭା ନିର୍ବାଚନରେ ହୋଇଛନ୍ତି ପ୍ରାର୍ଥୀ
- ଭାରତୀୟ ରିଜର୍ଭ ବ୍ୟାଙ୍କର ୩ ଦିନିଆ ମୁଦ୍ରାନୀତି ସମୀକ୍ଷା ବୈଠକ ଆଜିଠାରୁ ମୁମ୍ବାଇଠାରେ ଆରମ୍ଭ ହୋଇଛି
- ମାଲକାନଗିରି ଜିଲ୍ଲାର କାଲିମେଳା ଜଙ୍ଗଲରେ କୁମ୍ବିଂ ଅପରେସନ୍ ଜାରି
  – ମାଓ ସାମଗ୍ରୀ ସହିତ ବିସ୍ଫୋରକ ପଦାର୍ଥ ଜବତ

ଏବଂ

- ରାଜ୍ୟରେ ଆସନ୍ତା କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ, ସୂଚନା ଦେଲା ପାଣିପାଗ ବିଭାଗ

***Desk***

## ସାଂସଦଙ୍କ କାର୍ଯ୍ୟକାଳ ଶେଷ

ରାଜ୍ୟସଭାର ୫୪ ସାଂସଦଙ୍କ କାର୍ଯ୍ୟକାଳ ଆଜି ଶେଷ ହେଉଛି। ଅବସର ନେଉଥିବା ଏହି ସାଂସଦଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ସମେତ ଦୁଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଭୂପେନ୍ଦ୍ର ଯାଦବ ଅଛନ୍ତି। ଅନ୍ୟପକ୍ଷରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ୬ ଜଣ କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ, ପୁରୁଷୋତ୍ତମ ରୁପାଲା, ରାଜୀବ ଚନ୍ଦ୍ରଶେଖର, ଭି.ମୁରଲୀଧରନ, ନାରାୟଣ ରାଣେ ଓ ଏଲ.ମୁରୁଗାନଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହୋଇଛି। ରାଜ୍ୟସଭାରୁ ଅବସର ନେଇଥିବା ୭ ଜଣ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ କେବଳ ଅଶ୍ୱିନୀ ବୈଷ୍ଣବଙ୍କୁ ବାଦ୍ ଦେଇ ଅନ୍ୟମାନେ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଅଶ୍ୱିନୀ ବୈଷ୍ଣବ ପୁଣିଥରେ ରାଜ୍ୟସଭାକୁ ଦ୍ୱିତୀୟଥର ପାଇଁ ନିର୍ବାଚିତ ହୋଇଛନ୍ତି।

***HS***

## ସରକାରୀ କର୍ମଚାରୀ - ସ୍ୱତନ୍ତ୍ର ଛୁଟି

ଆଗାମୀ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେଉଥିବା ସରକାରୀ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ଗୋଟିଏ ଦିନ ସ୍ୱତନ୍ତ୍ର ଛୁଟି ମଞ୍ଜୁର କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସମସ୍ତ

ବିଭାଗକୁ ପତ୍ର ଲେଖି ଜଣାଇଛନ୍ତି। ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ କାର୍ଯ୍ୟାଳୟ ମୁଖ୍ୟଙ୍କ ବିଚାର ଓ ନିଷ୍ପତ୍ତି ଆଧାରରେ ଏହି ଛୁଟି ପ୍ରଦାନ କରାଯିବ।

***Desk***

# ଆର୍.ବି.ଆଇ. - ଏମ୍.ପି.ସି. ବୈଠକ

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ତିନିଦିନିଆ ମୁଦ୍ରାନୀତି ସମୀକ୍ଷା ବୈଠକ ଆଜିଠାରୁ ମୁମ୍ବାଇରେ ଆରମ୍ଭ ହୋଇଛି । ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ବୈଠକର ଶେଷ ଦିନରେ ମୁଦ୍ରାନୀତିର ସମୀକ୍ଷା କରାଯିବ ।

***Desk***

# ଏସ୍‌ସିବି– ଯକୃତ ପ୍ରତିରୋପଣ

କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଏବଂ ହସ୍ପିଟାଲ– ଏସସିବିରେ ଯକୃତ ପ୍ରତିରୋପଣ ପାଇଁ ହାଇଦ୍ରାବାଦ ସ୍ଥିତ ଏ.ଆଇ.ଜି ହସ୍‌ପିଟାଲ ସହଯୋଗରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଯକୃତ ପ୍ରତିରୋପଣ ପ୍ରକ୍ରିୟା ପାଇଁ ଏସୀୟ ଇନଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ଏସସିବି ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏଥିପାଇଁ ୫ ଜଣିଆ ଡାକ୍ତରୀ ଦଳ ଗଠନ କରାଯାଇଛି। ଉଭୟ ସଂସ୍ଥାର ଡାକ୍ତରମାନଙ୍କର ଏକ ମିଳିତ ଦଳ ଏହି ପ୍ରତିରୋପଣ ପ୍ରକ୍ରିୟା କରିବେ। ଯକୃତ ପ୍ରତିରୋପଣ

ପାଇଁ ୩ ଜଣଙ୍କ ନାମ ପଞ୍ଜିକରଣ କରାଯାଇଛି । ସେଥିମଧ୍ୟରୁ ପ୍ରଥମ ବ୍ୟକ୍ତି ଭାବେ ଜଣେ ପୁରୁଷଙ୍କ ଯକୃତ ପ୍ରତିରୋପଣ ପାଇଁ ପ୍ରସ୍ତୁତି ଆଜି ଆରମ୍ଭ ହୋଇଛି । ଯକୃତ ପ୍ରତିରୋପଣ ପାଇଁ ମୋଟ ୧୨ରୁ ୧୩ ଘଣ୍ଟା ସମୟ ଲାଗୁଥିବାବେଳେ ଏନେଇ ଏସସିବିର ମଡ୍ୟୁଲାର ୦ଟିର ବ୍ୟବସ୍ଥା କରାଯାଇଛି । ଏହି ୟୁନିଟ୍ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ ।

***Nabarangpur***

## ସାଧାରଣ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ସାଧାରଣ ନିର୍ବାଚନ ପାଇଁ ଆଜି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ନବରଙ୍ଗପୁର ବ୍ଲକ ପରିଦର୍ଶନ କରି ନିର୍ବାଚନ ପୂର୍ବ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଜିଲ୍ଲାରେ ସାଧାରଣ ନିର୍ବାଚନ କିପରି ଅବାଧ, ନିରପେକ୍ଷ, ଶାନ୍ତି ଶୃଙ୍ଖଳାର ସହିତ ସୁଚାରୁରୂପେ ପରିଚାଳନା ହେବ ସେ ନେଇ ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖରା ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ବ୍ଲକର ଅଧିକାରୀ, କର୍ମଚାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ମତଦାନ କେନ୍ଦ୍ର ଗୁଡିକରେ ପୋଲିଂ ଅଧିକାରୀ ମାନଙ୍କ ପାଇଁ ରହିବାର ବ୍ୟବସ୍ଥା, ମତଦାତା ଙ୍କ ପାଇଁ ଆବଶ୍ୟକ ପାନୀୟ ଜଳ, ପ୍ରତିକ୍ଷା ସ୍ଥାନ, ବିଦ୍ୟୁତ୍, ନିରାପତ୍ତା, ଶୌଚାଳୟ ର ବ୍ୟବସ୍ଥା, ବିଶେଷ କରି ଦିବ୍ୟାଙ୍ଗ ଓ ବୟସ୍କ ମତଦାତାଙ୍କ ପାଇଁ ବୁଥ୍‌ରେ ର୍‍ୟାମ୍ପର ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ କରିଥିଲେ ।

*HS*

## ଦେଶ - ମତଦାନ

ଦେଶରେ ଆସନ୍ତା ସାଧାରଣ ନିର୍ବାଚନ ଲାଗି ପ୍ରାୟ ୯୭ କୋଟି ପଞ୍ଜିକୃତ ଭୋଟର ମତଦାନ କରିବେ ବୋଲି ଭାରତୀୟ ନିର୍ବାଚନ କମିଶନଙ୍କ ସୂତ୍ରରୁ ଜଣାପଡିଛି । ମତଦାନ ଲାଗି ଦେଶରେ ସାଢ଼େ ୧୦ ଲକ୍ଷ ମତଦାନ କେନ୍ଦ୍ର ଏବଂ ଦେଢ଼କୋଟି ପୋଲିଂ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀ ନିୟୋଜିତ ହୋଇଛନ୍ତି । ଭୋଟରତାଲିକାରେ ନିଜର ନାମ ଯାଞ୍ଚ କରିବା ଏବଂ ନିଜନିଜର ନିର୍ବାଚନମଣ୍ଡଳୀରେ ଭୋଟ୍‌ଗ୍ରହଣ ତାରିଖକୁ ଜାଣିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ସମ୍ବାଦପତ୍ରରେ କ୍ୟୁ-ଆର୍ କୋଡ୍ ସମ୍ବନ୍ଧିତ ବିଜ୍ଞାପନ ପ୍ରକାଶ ପାଇଛି । ଭୋଟରମାନେ ସେମାନଙ୍କର ମତଦାନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ହେଲ୍ପଲାଇନ୍ ନମ୍ବର ୧୯୫୦କୁ ଡାଏଲ କରିପାରିବେ ।

*Malkangiri*

## ମାଓ ସାମଗ୍ରୀ ଜବତ

ମାଲକାନଗିରି ଜିଲ୍ଲାର କାଲିମେଳା ଥାନା ଅନ୍ତର୍ଗତ ଦୟାଲତଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିବା  ବହୁ ପରିମାଣର ବିସ୍ଫୋରକ ସାମଗ୍ରୀକୁ ପୋଲିସ ଆଜି ସକାଳେ ଉଦ୍ଧାର କରିଛି । ଗତକାଲି  ମାଲକାନଗିରି ଡି.ଭି.ଏଫ ଯବାନ ଓ ଗୁଇନ୍ଦା ବିଭାଗର ଅଧିକାରୀ ମିଳିତ ଭାବେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଦୟାଲତଙ୍ଗ ଗ୍ରାମ

ନିକଟସ୍ଥ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରିଥିବା ବେଳେ ଆଜି ଏହି ସଫଳତା ମିଳିଛି । ଏହି ତଲାସୀ ଅଭିଯାନ ବେଳେ ପୋଲିସ ୧୯୦ଟି ଜିଲେଟିନ ଷ୍ଟିକ୍, ଗୋଟିଏ ୨୦ କିଲୋଗ୍ରାମ ଓଜନର ଆଇ.ଇ.ଡି ସମେତ ବିଭିନ୍ନ ମାଓ ସାମଗ୍ରୀ ଜବତ କରିଛି । ଏଥିସହ ସଂପୃକ୍ତ ଅଞ୍ଚଳରେ କୁମ୍ବିଂ ଓ ତଲାସୀ ଅଭିଯାନ ଜାରୀ ରହିଥିବା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି ।

***Desk***

## ଚାଉଳ ଯୋଗାଣ ଲାଗି କେନ୍ଦ୍ରକୁ ଅନୁରୋଧ

ଚଳିତ ବର୍ଷ ଖରିଫ ଋତୁରେ ରାଜ୍ୟ ସରକାରଙ୍କ ପକ୍ଷରୁ ୬୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ହେଲେ ଯୋଗାଣ ନିଗମର ସୂଚନା ଅନୁସାରେ, ଚଳିତ ଖରିଫ ଋତୁରେ ୫୮ ଲକ୍ଷରୁ ମେଟ୍ରିକ ଟନ୍‌ରୁ ଅଧିକ ଧାନ ସଂଗ୍ରହ କରିଛି । ଅନ୍ୟପକ୍ଷରେ ଚଳିତ ବର୍ଷ ରାଜ୍ୟ ସରକାର ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା ପାଇଁ ଯୋଜନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏଫ୍.ସି.ଆଇ. ଅଧିକ ଚାଉଳ କିଣିବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖି ଅନୁରୋଧ କରାଯାଇଛି ।

***Desk***

## ପ୍ରଶାସନିକ ସେବା ପରୀକ୍ଷା

ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଶାସନିକ ସେବା ପରୀକ୍ଷା ପାଇଁ ମାଗଣା କୋଚିଂ ଦିଆଯାଉଛି । ଆସନ୍ତା ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଏହି

ମାଗଣା କୋଚିଂ ନିମନ୍ତେ ପ୍ରି-କ୍ୱାଲିଫାଏ ପ୍ରବେଶିକା ପରୀକ୍ଷା ପାଇଁ ଗତକାଲି ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ୬ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ସାମ୍ସ ଏବଂ ଏସ୍.ଏସ୍.ବି. ୱେବସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ ଏବଂ ମେ' ୫ ତାରିଖରେ ପ୍ରି-କ୍ୱାଲିଫାଏ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟ ସରକାରଙ୍କର ଶିକ୍ଷା ସମ୍ବନ୍ଧୀୟ ପୋର୍ଟାଲ୍ 'ସାମ୍ସ୍'ର ତଥ୍ୟ ଅନୁସାରେ ୟୁ.ପି.ଏସ୍.ସି. ପକ୍ଷରୁ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ୬ ହଜାର ୯୭୩ ଜଣ କୋଚିଂ ନେବାକୁ ନାମ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩ ହଜାର ୭୩୦ ଜଣ ଅନ୍‌ଲାଇନ୍ ଜରିଆରେ ପରୀକ୍ଷା ଫି' ଦାଖଲ କରିଛନ୍ତି । ଆସନ୍ତା ୨୯ ତାରିଖରେ କୋଚିଂ ନେବା ଲାଗି ଚୟନ ପରୀକ୍ଷା ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ସୂଚନାରୁ ଜଣାପଡ଼ିଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ନାମଲେଖା

କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ଆସନ୍ତାକାଲିଠାରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ନାମଲେଖା ପ୍ରକ୍ରିୟା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଇଚ୍ଛୁକ ଅଭିଭାବକମାନେ ମନୋନୀତ କେନ୍ଦ୍ରୀୟ ବିଦ୍ୟାଳୟରେ ନିଜ ପିଲାଙ୍କ ନାମଲେଖା ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ଚଳିତ ମାସ ୧୯ ତାରିଖରେ ପ୍ରଥମ ପ୍ରୋଭିଜ୍‌ନାଲ ଲିଷ୍ଟ

ପ୍ରକାଶ ପାଇବ। ସେହିପରି ଦ୍ୱିତୀୟ ତାଲିକା ଚଳିତ ମାସ ୨୯ରେ ଏବଂ ତୃତୀୟ ତାଲିକା ମଇ ମାସ ୮ ତାରିଖରେ ପ୍ରକାଶ ପାଇବ। ଏହି ଆଧାରରେ ଛାତ୍ରଛାତ୍ରୀ ନାମ ଲେଖାଇବେ।

***Desk***

## ଅଂଶୁଘାତ ସତର୍କତା

ରାଜ୍ୟରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ହସ୍‌ପିଟାଲରେ ଅଂଶୁଘାତ ପ୍ରଭାବିତ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ରଖିବାକୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛି। ପ୍ରତି ଜିଲ୍ଲା ହସ୍‌ପିଟାଲ୍‌ରେ ୬ଟି ସିଏଚ୍‌ସିରେ ୨ଟି, ପିଏଚ୍‌ସିରେ ଗୋଟିଏ ଲେଖାଏ ବେଡ୍ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଛି। ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକୀୟ ଔଷଧ ସହ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ୍ ରଖିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି। ଡାକ୍ତରଖାନାରେ ଯେପରି ୨୪ ଘଣ୍ଟିଆ ଡାକ୍ତର ଉପଲବ୍ଧ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି।

***Desk***

## ସାମ୍ସ୍ ନାମଲେଖା

ରାଜ୍ୟର ୪୯୦ ସରକାରୀ ଏବଂ ବେସରକାରୀ ଆଇ.ଟି.ଆଇ.ଗୁଡ଼ିକରେ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହିସବୁ ଆଇ.ଟି.ଆଇ.ଗୁଡ଼ିକରେ ୮୩ ହଜାର ୬୭୬ ସିଟ୍‌ରେ ନାମ ଲେଖାଯିବ । ସେହିପରି ଡିପ୍ଲୋମା ପାଠ୍ୟକ୍ରମରେ ନାମଲେଖା ଲାଗି ୧୬୨ଟି କଲେଜ୍‌ର ପ୍ରାୟ ୭୧ ହଜାର ସିଟ୍‌ରେ ନାମ ଲେଖାଲାଗି ଆବେଦନ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ଆଗ୍ରହୀ ଛାତ୍ରଛାତ୍ରୀମାନେ 'ସାମ୍ସ୍' ଓଡ଼ିଶା ୱେବ୍‌ସାଇଟ୍‌ରେ ଆବେଦନ କରିବାପାଇଁ କର୍ତ୍ତୃପକ୍ଷ କହିଛନ୍ତି ।

***Desk***

## ପାଣିପାଗ

ରାଜ୍ୟରେ ଆସନ୍ତା କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୬ ତାରିଖ ସୁଦ୍ଧା ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ

କରାଯାଇଛି । ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ତାପମାତ୍ରା ବଢ଼ିବା ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟର ୪ଟି ଜିଲ୍ଲାର ୭ଟି ସହରରେ ଗତକାଲି ତାପମାତ୍ରା ୪୧ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିଲା । ମାଲକାନଗିରିରେ ସର୍ବାଧିକ ୪୧ ଦଶମିକ ୭ ଡିଗ୍ରୀ ସେଲ୍‌ସିୟସ୍ ରହିଥିଲା । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲିଠାରୁ ୧୦ଟି ଜିଲ୍ଲାରେ ଅଧିକ ଗରମ ଏବଂ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଗୁଳୁଗୁଳି ଅନୁଭୂତ ହେବ ।

*******************************